**ସଂକ୍ଷେପରେ**

## ଶ୍ରୀଅରବିନ୍ଦ ଉଚ୍ଚ ଶିକ୍ଷାନୁଷ୍ଠାନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅନୁସନ୍ଧାନ ଦଳ



ବ୍ରହ୍ମପୁର,୨୫।୪(ସ୍ମୃତି ରଞ୍ଜନ ମହାଲିକ) ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ଶ୍ରୀଅରବିନ୍ଦ ଉଚ୍ଚ ଶିକ୍ଷାନୁଷ୍ଠାନକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହିତ ସହବନ୍ଧନ ପାଇଁ ବିଶ୍ୱବିଦ୍ୟାଳୟର ଏକ ଅନୁସନ୍ଧାନ ଦଳ ଗୁରୁବାର ପରିଦର୍ଶନ କରିଛନ୍ତି। ଦଳର ସଂଯୋଜକ ପ୍ରଫେସର ଡ ମୃତ୍ୟୁଞ୍ଜୟ ସ୍ୱାଇଁଙ୍କ ନେତୃତ୍ୱରେ ଡ ମହେଶ୍ୱର ସେଠୀ, କମ୍ପ୍ୟୁଟର ବିଜ୍ଞାନ ବିଭାଗର ଡ. ବିକାଶ ରଞ୍ଜନ ବାଗ ଉପସ୍ଥିତ ଥିଲେ। ଏହି ଟିମ୍ ଶିକ୍ଷାନୁଷ୍ଠାନ ପରିଦର୍ଶନ କରି ବିଭିନ୍ନ ରେକର୍ଡ ପତ୍ର ଯାଂଚ କରିଥିଲେ। ଏଥିସହ ଶ୍ରେଣୀ ଗୃହ, କମ୍ପ୍ୟୁଟର ଲ୍ୟାବ, ଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଶ୍ରେଣୀ ଗୃହ ବୁଲି ଦେଖିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ କେ. ଦେବେନ୍ଦ୍ର ସେନାପତି ସହଯୋଗ କରିଥିଲେ। ଶିକ୍ଷାନୁଷ୍ଠାନର ବହୁ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ।

## ଯୌତୁକ ନିର୍ଯାତନା ମାମଲା: ସ୍ୱାମୀ ନିର୍ଦ୍ଦୋଷ

ବ୍ରହ୍ମପୁର, ୨୫।୪(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ଏସ୍‌ଡିଜେଏମ୍ ଗୁରୁବାର ଏକ ଯୌତୁକ ନିର୍ଯାତନା ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀ ପି.ସିମ୍ମୀ ପାତ୍ରଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ପୁରୁଷୋତ୍ତମପୁର ଶାସନର ପି.ସିମ୍ମୀ ୨୦୧୧ରେ ପି. ସନ୍ଧ୍ୟାରାଣୀ ପାତ୍ରଙ୍କୁ ବିବାହ କରିଥିଲେ। କିଛିମାସ ପରେ ସନ୍ଧ୍ୟାରାଣୀଙ୍କୁ ତାଙ୍କ ସ୍ୱାମୀ ନିର୍ଯାତନା ଦେବା ସହ ଅଧିକ ଯୌତୁକ ଦାବି କରିଥିଲେ। ଏ ସଂକ୍ରାନ୍ତରେ ସନ୍ଧ୍ୟାରାଣୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୩୦୫/୧୧ରେ ଏକ ମାମଲା ରୁଜୁ କରି ପି.ସିମ୍ମୀଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ମାମଲା ବିଚାର ବେଳେ ସିମ୍ମୀ କୋର୍ଟରେ ହାଜର ନ ହେବାରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ୨୦୨୧ ସେପ୍ଟେମ୍ବର ୮ତାରିଖରେ ପୋଲିସ ତାଙ୍କୁ ଏନବିଡବ୍ଲ୍ୟୁ ବଳରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୧୧ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରମାଣ ଅଭାବରୁ ପି.ସିମ୍ମୀଙ୍କୁ ମାଜିଷ୍ଟ୍ରେଟ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।

## ରେଳ ଧାରଣାରୁ ମୃତଦେହ ଜବତ

ବ୍ରହ୍ମପୁର,୨୫।୪(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ସରକାରୀ ରେଳବାଇ ପୋଲିସ ଆମ୍ବପୁଆ ବିବେକ ବିହାର ନିକଟ ରେଳଧାରଣାରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ୩୫ରୁ ୪୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପ୍ରାଥମିକ ତଦନ୍ତରୁ ଯୁବକ ଜଣଙ୍କ କୌଣସି ଚଳନ୍ତା ଟ୍ରେନ ସମ୍ମୁଖକୁ ଆସି ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଏ ସଂକ୍ରାନ୍ତରେ ରେଳବାଇ ଥାନାରେ ଅପମୃତ୍ୟୁ ମାମଲା ନଂ. ୩୩/୨୪ ରୁଜୁ ହୋଇଛି। ପୋଲିସ ମୃତଦେହକୁ ଏମକେସିଜି ମେଡିକାଲରେ ବ୍ୟବଚ୍ଛେଦ କରାଇ ସେଠାରେ ସଂରକ୍ଷିତ କରି ରଖାଯାଇଛି।

# ୨ ସାଇବର ଅପରାଧୀଙ୍କୁ ଧରିଲା କ୍ରାଇମବ୍ରାଞ୍ଚ

ବ୍ରହ୍ମପୁର,୨୫।୪ (ସୁବାସ ଚନ୍ଦ୍ର ପାଢ଼ୀ): ଏକ ସାଇବର ଠକେଇ ମାମଲାର ତଦନ୍ତ କରୁଥିବା ଓଡ଼ିଶା କ୍ରାଇମବ୍ରାଞ୍ଚ ଟିମ ଫେରାର ଥିବା ୨ ଅପରାଧୀଙ୍କୁ ଜାମିନ ବିହୀନ ଗିରଫ ପରୱାନା ବଳରେ ଗିରଫ କରିଛି। ସେମାନେ ହେଲେ ରାଜସ୍ଥାନ ଟୋଙ୍କ ଜିଲା ବାହିର ଅଞ୍ଚଳର ସାମିଉଦ୍ଦିନ ଖାନ ଓରଫ ସାମି(୨୦) ଓ ରାଜସ୍ଥାନର ସଂଯୋର ଜିଲା ସଞ୍ଚୋର ଅଞ୍ଚଳର ପ୍ରବୀନ କୁମାର(୨୧) । ଉଭୟଙ୍କୁ ଗୁରୁବାର ବ୍ରହ୍ମପୁର ଏସଡ଼ିଜେଏମ ପ୍ରଜ୍ଞା ପରମିତା ପ୍ରତିହାରୀଙ୍କ କୋର୍ଟରେ ହାଜର କରାଯାଇଥିଲା। ପରେ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଯାଇଛି। ଏହି ମାମଲାରେ ପୂର୍ବରୁ ଅମନୁଲ୍ଲା ଖାନ(୨୦) ନାମକ ଜଣେ ଯୁବକଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା । ସେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଅଛନ୍ତି । ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି କସ୍ତୁରୀନଗରରେ ରହୁଥିବା ଏଲ. ଅଜିତ କୁମାର ଦାସଙ୍କ ନିକଟକୁ ୨୦୨୩ ନଭେମ୍ବର ୯ ତାରିଖରେ ଏକ ହ୍ୱାଟ୍ସଆପ ମେସେଜ ଆସିଥିଲା । ୱାର୍ଲଡ ୱାଇଡ ମିଡିଆ ନାମକ ଏକ ସଂସ୍ଥାରେ ପାର୍ଟଟାଇମ ଚାକିରି କରି ଦିନକୁ ୨୦୦ରୁ ୧୫୦୦ ଟଙ୍କା ଯାଏଁ ରୋଜଗାର କରିପାରିବେ ବୋଲି ମେସେଜରେ ଲେଖାଥିଲା । ଘରେ ବସି ଟଙ୍କା ରୋଜଗାର କରିବା ଲୋଭରେ ଅଜିତ ଉକ୍ତ ମେସେଜ ସହ ଆସିଥିବା ଲିଙ୍କରେ କ୍ଲିକ କରବାରୁ ଏକ ଟେଲିଗ୍ରାମ ଚ୍ୟାନେଲରେ ଯୋଡି ହେବା ପରେ ତାଙ୍କୁ ଏକାଧିକ କାମ ଦିଆଯାଇଥିଲା। ସେହି କାମ ସାରିବା ପରେ ଆକାଉଣ୍ଟକୁ କିଛି କମିଶନ ଆସିଥିଲା। ଏହାପରେ ତାଙ୍କୁ ଅନଲାଇନରେ ଇନଭେଷ୍ଟ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହାଦ୍ୱାରା ମୋଟ ଅଙ୍କର କମିଶନ ମିଳିବ ବୋଲି ଲୋଭ ଦେଖାଯାଇଥିଲା। ସେହିକ୍ରମରେ ସାଇବର ଠକଙ୍କ ଦ୍ୱାରା ଖୋଲାଯାଇଥିବା ବ୍ୟାଙ୍କ ଆକାଉଣ୍ଟଗୁଡିକରେ ଅଜିତ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୬ ଲକ୍ଷ ଟଙ୍କା ଜମା କରିଥିଲେ। ହେଲେ ତାଙ୍କୁ



ଗିରଫ ଦୁଇ ଅଭିଯୁକ୍ତ ।

### ରାଜସ୍ଥାନରୁ ରିମାଣ୍ଡରେ ଆଣି କୋର୍ଟରେ ହାଜର

କମିଶନ କିମ୍ବା ମୂଳ ଟଙ୍କା ମଧ ମିଳି ନ ଥିଲା। ତାଙ୍କୁ ଅଧିକରୁ ଅଧିକ ଟଙ୍କା ଜମା କରିବାକୁ କୁହାଯାଇଥିଲା। ଏଥିରେ ଅଜିତଙ୍କ ସନ୍ଦେହ ହେବା ସହ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣି ପୋଲିସ ନିକଟରେ ଅଭିଯୋଗ କରିଥିଲେ। କ୍ରାଇମବ୍ରାଞ୍ଚରେ ଏକ ମାମଲା ରୁଜୁ ହୋଇଥିଲା । କ୍ରାଇମବ୍ରାଞ୍ଚ ପକ୍ଷରୁ ଘଟଣାର ତଦନ୍ତ ବେଳେ ଏହି ଠକେଇ ପଛରେ ୨ ଅଭିଯୁକ୍ତଙ୍କ ଦ୍ୱାରା ବ୍ୟବହାର ହୋଇଥିବା ମୋବାଇଲ ନମ୍ବର ଏବଂ ବ୍ୟାଙ୍କ ଆକାଉଣ୍ଟ ବିଷୟରେ ତଥ୍ୟ ମିଳିଥିଲା । କିଛି ମାସ ତଳେ କ୍ରାଇମବ୍ରାଞ୍ଚ ପ୍ରଥମେ ଅମନୁଲ୍ଲାଙ୍କୁ ଗିରଫ କରିଥିଲା । ତାଙ୍କୁ ଜେରା ବେଳେ ଅଭିଯୁକ୍ତ ସାମି ଓ ପ୍ରବୀନ ବିଷୟରେ ଜଣାପଡିଥିଲା । ୨ ଅଭିଯୁକ୍ତ ରାଜସ୍ଥାନର ଯୋଧପୁରରେ ରହୁଥିବା ସୂଚନା ମିଳିବା ପରେ କିଛି ଦିନ ତଳେ କ୍ରାଇମବ୍ରାଞ୍ଚର ଏସଆଇ ପି.କେ. ନାୟକଙ୍କ ନେତୃତ୍ୱରେ ଏକ ଟିମ ଯୋଧପୁରକୁ ଯାଇ ଉଭୟଙ୍କୁ କାବୁ କରିଥିଲା । ଉଭୟ ଅଭିଯୁକ୍ତଙ୍କ ସେଠାକାର ଅଦାଲତରେ ହାଜର କରିବା ପରେ ଟ୍ରାଞ୍ଜିଟ ରିମାଣ୍ଡରେ ଓଡ଼ିଶା ଅଣାଯାଇଥିଲା।

## ନାବାଳିକା ଅପହରଣ ମାମଲା: ଅଭିଯୁକ୍ତଙ୍କୁ ୪ବର୍ଷ ଜେଲ

ବ୍ରହ୍ମପୁର,୨୫।୪(ସୁବାସ ଚନ୍ଦ୍ର ପାଢ଼ୀ): ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ଗୁରୁବାର ଏକ ନାବାଳିକା ଅପହରଣ ମାମଲାର ଅଭିଯୁକ୍ତଙ୍କୁ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୬ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ ମାସ ୨୨ ଦିନ ସଶ୍ରମ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଶିବ ରଞ୍ଜନ ଦାସ ଓରଫ କାଳିଆ(୩୨)।

୨୦୨୧ ଫେବୃଆରୀ ୨୪ ତାରିଖରେ ଗୋଳନ୍ଥରା ଥାନା ଅଞ୍ଚଳରୁ ଜଣେ ୧୪ବର୍ଷୀୟା ନାବାଳିକା ଅପହରଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୫୦/୨୧ରେ ମାମଲା ରୁଜୁ କରିଥିଲା। ଘଟଣାର ୪ଦିନ ପରେ ଗୋପାଳପୁର ଥାନା ଅଞ୍ଚଳରେ କାଳିଆଙ୍କ ଘରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ତାଙ୍କୁ କାବୁ କରିଥିଲା। ଉଭୟ ପୀଡ଼ିତା ଓ କାଳିଆଙ୍କ ଡାକ୍ତରୀମାଇନା କରାଯାଇଥିଲା। ପୀଡ଼ିତାଙ୍କ ଅଭିଯୋଗକ୍ରମେ କାଳିଆଙ୍କୁ ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ ତାଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ସେ କୋର୍ଟରେ ହାଜର ନ ହେବାରୁ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ପୋଲିସ ତାଙ୍କୁ ଗତ ଡିସେମ୍ବର ୮ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୧ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରମାଣ ମିଳିଥିବାରୁ ବ୍ରହ୍ମପୁର ଜେଲରେ ଥିବା କାଳିଆଙ୍କୁ ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମୋହନ ସିଙ୍ଗାରି ମକଦ୍ଦମା ପରିଚାଳନା କରୁଥିଲେ।

## ଶେଷ ଦିନରେ ୯ ନାମାଙ୍କନପତ୍ର ଦାଖଲ



ଗୋପାଳପୁର କ୍ଷେତ୍ର ଭାଜପା ପ୍ରାର୍ଥୀ ବିଭୂତି ଜେନା ନାମାଙ୍କନ ଦାଖଲ ପାଇଁ ଯାଉଛନ୍ତି।

ବ୍ରହ୍ମପୁର,୨୫।୪(ସ୍ମୃତି ରଞ୍ଜନ ମହାଲିକ): ଗଞ୍ଜାମ ଜିଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ଦାଖଲର ଶେଷ ଦିନ ଗୁରୁବାର ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମୋଟ ୯ ନାମାଙ୍କନ ଦାଖଲ ହୋଇଛି। ଗୋପାଳପୁର, ଦିଗପହଣ୍ଡି ଓ ଚିକିଟି ବିଧାନସଭା ଆସନ ପାଇଁ ଏସବୁ ନାମାଙ୍କନ ଦାଖଲ ହୋଇଛି। ଗୋପାଳପୁର ଆସନ ପାଇଁ ବିଜେଡିର ବିକ୍ରମ କୁମାର ପଣ୍ଡା, ଭାଜପାରୁ ବିଭୂତି ଭୂଷଣ ଜେନା ନାମାଙ୍କନ ଦାଖଲ କରିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ଟି. ପଦ୍ମାବତୀ, ମନୋରଞ୍ଜନ ସାହୁ ଓ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ଏସ. କୁମାରୀ ମମତା ମଧ ଉକ୍ତ ଆସନ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ଦିଗପହଣ୍ଡି ଆସନରୁ କଂଗ୍ରେସର ସାକା ସୁଜିତ, ମାନସ ଲୋକ ଶକ୍ତି ଦଳର କୁନା ଦାଶ, ଚିକିଟି ଆସନ ପାଇଁ ବିଜେଡିରୁ ଚିନ୍ମୟାନନ୍ଦ ଶ୍ରୀରୂପ ଦେବ, ସମୃଦ୍ଧ ଓଡିଶା ଦଳରୁ ସାଲିନି ଉମାଶଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

## ଜାତୀୟ ଶିକ୍ଷାନୀତି ପାଠଚକ୍ର ଉଦ୍‌ଘାଟିତ

ଗୋପାଳପୁର,୨୫।୪(ନବୀନ ରାଜ ଅଚାରୀ) କନିଷ୍ଠ ହାଟସ୍ଥିତ ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ଗବେଷଣା ପ୍ରତିଷ୍ଠାନ(ଡିପିଆଇଏଏସ୍‌ଇ)ରେ ଜାତୀୟ ଶିକ୍ଷାନୀତି -୨୦୨୦ ଆଧାରିତ ଦୁଇଦିନିଆ ପାଠଚକ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଫକୀରମୋହନ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ଡ଼. ଶିବପ୍ରସାଦ ଅଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠଚକ୍ରକୁ ଉଦଘାଟନ କରିଥିଲେ। ସେ ଜାତୀୟ ଶିକ୍ଷାନୀତିର ଏକ ବିସ୍ତୃତ ରୂପରେଖ ଓ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଭାରତର ଶିକ୍ଷା ପଦ୍ଧତି ସହ ବିଶ୍ୱର ବିଭିନ୍ନ ବିକଶିତ ଦେଶର ଶିକ୍ଷା ପଦ୍ଧତିକୁ ତୁଳନା କରିବା ସହ ଆମ ଶିକ୍ଷା ପଦ୍ଧତି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମତ ସାବ୍ୟସ୍ତ କରିଥିଲେ। ବିଶାଳ ଅଭିଜ୍ଞତା ଓ ବ୍ୟାପକ ଅନୁଭୂତିକୁ ଆଧାର କରି ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସ୍ତରରେ ଆମ ଶିକ୍ଷା ବ୍ୟବସ୍ଥାର ରୂପରେଖକୁ ଆଧାର କରି ଆଗାମୀ ଦିନରେ ଜଣେ ଆଦର୍ଶ ଶିକ୍ଷକ ଭାବେ ଏହାକୁ କାର୍ଯ୍ୟକାରୀ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ଅଧକ୍ଷ ପ୍ରଫେସର ଡ. ଶ୍ରୀକାନ୍ତ ପାଇକରାୟ ପୌରାହିତ୍ୟ କରିଥିଲେ। ଏହି ଅବସରରେ ପାଠଚକ୍ର ପ୍ରବନ୍ଧବଳୀ ଉନ୍ମୋଚିତ ହୋଇଥିଲା। ଏମ.ଏଡ଼ ଛାତ୍ରୀଛାତ୍ରଙ୍କ ଦ୍ୱାରା ୬ଟି ଭିତ୍ତି ପ୍ରବନ୍ଧ ଏଥିରେ ଉପସ୍ଥାପିତ କରି ବିସ୍ତୃତ ଆଲୋଚନା କରାଯାଇଥିଲା। ଡ. ସନ୍ତୋଷ ଜେନା, ସଂଯୋଜକ ଡ. ବାବୁରାମ ପାଣି, ଡ. ଭୁବନେଶ୍ୱରୀ ମିଶ୍ର, ଡ.ନିବେଦିତା କର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଡ. ସୁରଞ୍ଜିତା ମୁନି ମଞ୍ଚ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

## ବିଜେଡିର ବିଶାଳ ରାଲିକୁ କାଉଣ୍ଟର କଲା ଭାଜପା

ବ୍ରହ୍ମପୁର,୨୫।୪(ନରସିଂହ ସାହୁ)

ଗୋପାଳପୁର ବିଧାନସଭା କ୍ଷେତ୍ର ବିଜେଡି ପ୍ରାର୍ଥୀ ବିକ୍ରମ ପଣ୍ଡା ଗୁରୁବାର ବିଶାଳ ଶୋଭାଯାତ୍ରାରେ ଆସି ବ୍ରହ୍ମପୁର ଉପଜିଲାପାଳଙ୍କ ଦପ୍ତରରେ ନାମାଙ୍କନପତ୍ର ଦାଖଲ କରିଥିଲେ। ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି ଭାଜପା ପ୍ରାର୍ଥୀ ବିଭୂତି ଜେନା ମଧ ଶୋଭାଯାତ୍ରାରେ ଆସି କାଉଣ୍ଟର କରିଥିଲେ। ବିକ୍ରମ ସମୁଦ୍ର ବେଳାଭୂମି ଧବଳେଶ୍ୱର ପୀଠରେ ପୂଜାର୍ଚ୍ଚନା କରି ଶହ ଶହ କର୍ମୀଙ୍କ ଗହଣରେ ଆସିଥିଲେ। ସେହିପରି ବିଭୂତି ମଧ ଗୋଳନ୍ଥରା ଇଶାଣେଶ୍ୱର ପୀଠରୁ ରାଲି ଆରମ୍ଭ କରିଥିଲେ। ଉଭୟ ଦଳ ପ୍ରାର୍ଥୀ ମହାଦେବଙ୍କ ପୀଠରୁ ନାମାଙ୍କନ ଦାଖଲ କରିବାକୁ ରେଶମ ସହରରେ ପହଞ୍ଚିଥିଲେ। ଭାଜପାର ମୋଦୀ ଓ ବିଜେଡିର ନବୀନ ଜିନ୍ଦାବାଦ ସ୍ଲୋଗାନରେ ସହର କମ୍ପି ଉଠିଥିଲା।

ଦୁଇ ଦଳର ଏହି ଯାତ୍ରା ପୂର୍ବରୁ ବ୍ରହ୍ମପୁର ଲୋକ ସଭା ଭାଜପା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କ ଶୋଭାଯାତ୍ରା ମହାନଗର ନିକଟ ଖଜୁରିଆ ବାଇପାସ ରୋଡରୁ ବାହାରି ଛତ୍ରପୁର ଯିବା ବେଳେ ବ୍ରହ୍ମପୁରରେ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା। ହଜାର ହଜାର କର୍ମୀ ରାଲିରେ ସାମିଲ ହୋଇଥିଲେ। ପ୍ରଦୀପଙ୍କ ଶୋଭାଯାତ୍ରାରେ ବ୍ରହ୍ମପୁର ଭାଜପା ବିଧାୟକ ପ୍ରାର୍ଥୀ କେ. ଅନୀଲ କୁମାର ସାମିଲ ହୋଇ ଛତ୍ରପୁରରେ ସେ ଆଉ ଏକ ନାମାଙ୍କନ ଦାଖଲ କରିଥିଲେ। ଗୁରୁବାର ନାମାଙ୍କନର ଶେଷ ଦିବସ ଥିବାରୁ ଅନ୍ୟ ଦଳ, ସ୍ୱାଧୀନ ପ୍ରାର୍ଥୀ ମଧ ନାମାଙ୍କନ ଦାଖଲ କରିଥିଲେ। ଗୋପାଳପୁରରେ ବିଜେଡିର ବିକ୍ରମ ପଣ୍ଡା ସେଠାର ମଇଦାନକୁ ପ୍ରଥମ କରି ଓହ୍ଲାଇଛନ୍ତି। ପ୍ରତିଦ୍ୱନ୍ଦ୍ୱି ବିଭୂତି ଗୋପାଳପୁର ଆସନରେ ୪ର୍ଥ ଥର ଲଢ଼ୁଛନ୍ତି। ୨୦୦୯ରୁ ୨୦୧୯ ମଧରେ ୩ ନିର୍ବାଚନରେ ବିଭୂତି ଲଗାତର ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦୀ ପ୍ରଦୀପ ପାଣିଗ୍ରାହୀଙ୍କଠାରୁ ପରାସ୍ତ ହୋଇଥିଲେ। ଏବେ ପ୍ରଦୀପ ଭାଜପାରେ ମିଶି ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ହୋଇଛନ୍ତି ଏବଂ ବିଭୂତିଙ୍କ ସହ ଯୋଡ଼ି ହୋଇଛନ୍ତି।

## ଆଇସିଏସ୍‌ଇ ହ୍ୟାଣ୍ଡବଲ୍ ବାଳିକାବାଳକ ଦଳ ଚୟନ



ବ୍ରହ୍ମପୁର,୨୫।୪(ଅଶୋକ କୁମାର ସାହୁ): ବ୍ରହ୍ମପୁରରେ ଆସନ୍ତା ଜୁଲାଇ ମାସରେ ଆନ୍ତଃ ଜୋନାଲ ହ୍ୟାଣ୍ଡବଲ ପ୍ରତିଯୋଗିତା ହେବ। ଏଥିପାଇଁ ୧୪ ଓ ୧୭ ବର୍ଷରୁ କମ୍ ବାଳିକାବାଳକଙ୍କୁ ନେଇ ଗୁରୁବାର ୧୬ ଜଣିଆ ଟିମ ଚୟନ କରାଯାଇଛି। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ଚୟନ ଶିବିରରେ ବ୍ରହ୍ମପୁର ଜୋନର ୭ ସ୍କୁଲର ୧୦୦ ଖେଳାଳି ଯୋଗଦେଇଥିଲେ। ଏମଏଭି ସ୍କୁଲ ଅଧକ୍ଷ ଦ୍ୱାରିକାନାଥ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ବ୍ରହ୍ମପୁର ଜୋନର ଏମଏଭି ସ୍କୁଲ, ସେଣ୍ଟ ଭିନସେଣ୍ଟ ସ୍କୁଲ, ଡିପାଉଲ ସ୍କୁଲ, ଛତ୍ରପୁରର ସେଣ୍ଟ ଜୋସେଫ କାରମେଲ ସ୍କୁଲ, ଗଞ୍ଜାମର ଜୟଶ୍ରୀ କେମିକାଲର ବାଳିକାବାଳକମାନେ ଯୋଗଦେଇଥିଲେ। ଚୟନ ପରେ ଖେଳାଳିଙ୍କୁ ନେଇ ଖଲ୍ଲିକୋଟ କଲେଜ ଖେଳପଡିଆରେ ମାସେ ପର୍ଯ୍ୟନ୍ତ ଅଭ୍ୟାସ କରାଯିବ। ଜିଲା ହ୍ୟାଣ୍ଡବଲ ସଂଗଠନର କାର୍ଯ୍ୟକାରୀ ସମ୍ପାଦକଙ୍କ ସହିତ ଜାତୀୟ କୋଚ ପ୍ରଶାନ୍ତ କୁମାର ରଥ, ଅବିନାଶ ମେଦି, ଦୀପକ ମହାନ୍ତି, ରାମାଶିଷ ଜେନା, ବିକାଶ ସାସମଲ, କ୍ରୀଡା ଶିକ୍ଷକ ସୁରେଶ ଚନ୍ଦ୍ର ପାଢ଼ୀ, ବିନାୟକ ହୋତା, ମିନତୀ ପଣ୍ଡା, ସଞ୍ଜୟ ଦାସ, ମନୋଜ ଦିବ୍ୟସିଂହ ପଟ୍ଟନାୟକ, ନୀଳମାଧବ ରଥ ଉପସ୍ଥିତ ଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ବନ୍ଧୁମିଳନ



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମଚାରୀମାନେ।

ବ୍ରହ୍ମପୁର,୨୫।୪ (ଅଶୋକ କୁମାର ସାହୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ପୋର୍ଟସ କାଉନସିଲ ହଲରେ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ବନ୍ଧୁମିଳନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୨୫୦ ଶିକ୍ଷକ ଓ ଅଣଶିକ୍ଷକ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବୈଠକରେ ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ ସମସ୍ୟା ଆଲୋଚନା ହୋଇଥିଲା। ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଭେଟି ସମସ୍ୟା ଜଣାଇବାକୁ ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି, ସମ୍ପାଦକମାନେ ଯୋଗ ଦେଇଥିଲେ। ଉପଦେଷ୍ଟା ଶଙ୍କର ମାଝିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ମିହିର ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ପାତ୍ର, ଇନ୍ଦ୍ର ପ୍ରସାଦ ବେହେରା, ଏନ.ଭୀମାରେଡ୍ଡି, ସୁଶାନ୍ତ କୁମାର ପାଢ଼ୀ, ସତ୍ୟ ନାରାୟଣ ଶତପଥୀ, ପୂର୍ବତନ ସଭାପତି ଉପେନ୍ଦ୍ର ପାଳ ପ୍ରମୁଖ ସହଯୋଗ କରିଥିଲେ।

## ଶିକ୍ଷା ଓ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ବ୍ରହ୍ମପୁର,୨୫।୪ (ଅଶୋକ କୁମାର ସାହୁ): ବ୍ରହ୍ମପୁର ବିଶବିଦ୍ୟାଳୟ ସ୍କୁଲ ଅଫ ଏଜୁକେସନ ବିଭାଗ ପକ୍ଷରୁ ୨ଦିନିଆ ଶିକ୍ଷା ଓ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଗୁରୁବାର ଉଦଘାଟିତ ହୋଇଛି। ଏଥିରେ ଓଡିଆ, ଇଂଲିଶ, ଇତିହାସ, ରାଜନୀତି ବିଜ୍ଞାନ, ଭୂଗୋଳ, ଅର୍ଥନୀତି, ଭୌତିକ ବିଜ୍ଞାନ, ଜୀବ ବିଜ୍ଞାନ, ଗଣିତ ଇତ୍ୟାଦି ବିଷୟରେ ଶୈକ୍ଷିକ ଚିତ୍ରକଳା ମଡେଲ ଛାତ୍ରୀଛାତ୍ର ପ୍ରଦର୍ଶନ କରିଥିଲେ। ଡିପିଆଇଏସଇ ଏବଂ ଖଲ୍ଲିକୋଟ ଏକକ ବିଶବିଦ୍ୟାଳୟର ଛାତ୍ରୀଛାତ୍ର ଏହି ପ୍ରଦର୍ଶନୀ ପରିଦର୍ଶନ କରି ଶୈକ୍ଷିକ ଓ ଗୁଣାତ୍ମକ ଶିକ୍ଷା ଲାଭ କରିଥିଲେ। ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳସଚିବ ସଚ୍ଚିଦାନନ୍ଦ ନାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ପିଜି କାଉନସିଲ ଅଧକ୍ଷ ପ୍ରଫେସର ସୁଶାନ୍ତ କୁମାର ବରାଳ ଯୋଗ ଦେଇ ନିଷ୍ଠାର ସହ ପରିଶ୍ରମ କଲେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ସହଜ ହୋଇପାରିବ ବୋଲି କହିଥିଲେ। ବିଭାଗର ସଂଯୋଜକ ଡ଼. ବିଭୂତି ଭୂଷଣ ପରିଡ଼ା ଅତିଥି ପରିଚୟ ଦେଇଥିଲେ। ବିଭାଗର ଅଧକ୍ଷ ଡ଼. ସଞ୍ଜିତ କୁମାର ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ କହିବା ସହ ଧନ୍ୟବାଦ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଭାଗର ନିର୍ଦ୍ଦେଶକ ଡ଼. ତମଘ୍ନ ଆଚାର୍ଯ୍ୟ ଯୋଗ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏଥିରେ ଶିକ୍ଷକ ଅଣ ଶିକ୍ଷକ, କର୍ମଚାରୀ ଓ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## କଂଗ୍ରେସରୁ ୨ ଜଣଙ୍କ ନାମାଙ୍କନକୁ ନେଇ ଦ୍ୱନ୍ଦ୍ୱ

ବ୍ରହ୍ମପୁର,୨୫।୪(ନରସିଂହ ସାହୁ) ଗଞ୍ଜାମ ଜିଲା ଦିଗପହଣ୍ଡି ବିଧାନସଭା କ୍ଷେତ୍ର କଂଗ୍ରେସ ଟିକେଟ ନେଇ ଏବେ ରାଜନୀତି ତେଜିବାରେ ଲାଗିଛି। ଗତ ବୁଧବାର ଶ୍ରୀଧର ଦେବ ନାମାଙ୍କନ ଦାଖଲ କରି ସାରିବା ପରେ ପିସିସି ପକ୍ଷରୁ ସାକା ସୁଜିତଙ୍କୁ ପ୍ରାର୍ଥୀ କରାଯାଇଥିବା ଘୋଷଣା କରାଗଲା। ଗୁରୁବାର ସୁଜିତ ମଧ ବ୍ରହ୍ମପୁର ଉପଜିଲାପାଳଙ୍କ ଦପ୍ତରରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ପ୍ରଥମେ ଦାଖଲ କରିଥିବା ଶ୍ରୀଧରଙ୍କ ନାମାଙ୍କନ ବଳବତ୍ତର ରହିଛି। ଶୁକ୍ରବାର ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। କଂଗ୍ରେସର ୨ ଜଣଙ୍କ ମଧରୁ କାହାର କାଏମ ରହିବ ଏବଂ କାହାର କଟିବ ସେ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି।

### ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ରାଜନୀତି

୧୯୯୫ ବିଧାନସଭା ନିର୍ବାଚନରେ ବ୍ରହ୍ମପୁର କଂଗ୍ରେସ ପ୍ରାର୍ଥୀଙ୍କୁ ନେଇ ରାଜନୀତି ରୋଚକ ହୋଇଥିଲା। ଏଆଇସିସି ପକ୍ଷରୁ ଚନ୍ଦ୍ରଶେଖର ସାହୁଙ୍କ ନାମ ଘୋଷଣା କରାଯାଇଥିଲା। ସେ ବିଶାଳ ପଟୁଆରରେ ନାମାଙ୍କନ ଦାଖଲ କରିବାକୁ ଯାଉଥିବା ବେଳେ ଅଧା ବାଟରେ ଭିନ୍ନ ଖବର ପାଇ ଅଟକି ଥିଲେ। ସେତେବେଳେ ପ୍ରଧାନମନ୍ତ୍ରୀ ପି. ଭି. ନରସିଂହ ରାଓ ଜାତୀୟ କଂଗ୍ରେସର ସଭାପତି ମଧ ଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହ ଚନ୍ଦ୍ରଶେଖରଙ୍କ ମତଭେଦ ଥିଲା। ତେଣୁ ଚନ୍ଦ୍ରଶେଖରଙ୍କ ପରିବର୍ତ୍ତେ ଅଲେଖ ଚୌଧୁରୀଙ୍କୁ ଟିକେଟ ମିଳିଲା। ସେ ସିଧା ରିଟର୍ନିଂ ଅଧିକାରୀଙ୍କ ଦପ୍ତରକୁ ଯାଇ ନାମାଙ୍କନ ଦାଖଲ କରିଥିଲେ। ଚନ୍ଦ୍ରଶେଖର ଟାଟାବେଞ୍ଜ ଛକରୁ ଫେରି ଆସିଥିଲେ। ଚନ୍ଦ୍ରଶେଖରଙ୍କ ଅନୁଗାମୀମାନେ ଅଲେଖଙ୍କୁ ହରାଇବା ନିମନ୍ତେ ବିଭିନ୍ନ ଷଡ଼ଯନ୍ତ୍ର ଆରମ୍ଭ କରି ସଫଳ ହୋଇଥିଲେ। ଏହାର ସୁଯୋଗରେ ଜନତା ଦଳ ପ୍ରାର୍ଥୀ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ନିର୍ବାଚିତ ହେଲେ। ସେବେଠାରୁ ବ୍ରହ୍ମପୁର କଂଗ୍ରେସ ରାଜନୀତି ଫାଳଫାଳ ହେଲା ଓ ଏହାର ସୁଯୋଗରେ ଚ୍ୟାଉ ପଟ୍ଟନାୟକ ଆଉ ୪ ଥର ବିଜେଡିରୁ ଜିତିବାର ବାଟ ଫିଟିଥିଲା। ୨୦୧୪ ନିର୍ବାଚନ ବେଳେ ଅଲେଖଙ୍କ ସମେତ ପୂର୍ବତନ କଂଗ୍ରେସ ବିଧାୟକ ଶବ ଶଙ୍କର ସାହାଣୀ, ପୂର୍ବତନ ଉପନଗରପାଳ ଜାମୁଲା ଶଙ୍କର ନାରାୟଣ ଓ ଅନ୍ୟମାନେ କଂଗ୍ରେସ ଛାଡ଼ି ବିଜେଡିରେ ମିଶିଥିଲେ।

୨୦୧୯ ନିର୍ବାଚନ ପୂର୍ବରୁ ଚନ୍ଦ୍ରଶେଖର ଓ ବିକ୍ରମ ପଣ୍ଡାଙ୍କ ସମେତ ସେମାନଙ୍କ ସମର୍ଥକମାନେ ବିଜେଡିରେ ମିଶିଲେ। ବର୍ତ୍ତମାନ ଦିଗପହଣ୍ଡି କଂଗ୍ରେସ ପ୍ରାର୍ଥୀଙ୍କୁ ନେଇ ଅନ୍ତଃ କନ୍ଦଳ ହୋଇଛି। ୨୦୨୪ ନିର୍ବାଚନ ଲଢ଼ିବାକୁ ୨ ଜଣ ଅଣ୍ଟା ଭିଡ଼ିଛନ୍ତି। କାହାର ନାମାଙ୍କନ କାଏମ ରହିବ ଶୁକ୍ରବାର ଯାଞ୍ଚ ବେଳେ ସ୍ପଷ୍ଟ ହେବ। ଜିଲା କଂଗ୍ରେସ (ପୂର୍ବ) ସଭାପତି ଦୀପକ ପଟ୍ଟନାୟକ ଗୁରୁବାର କହିଛନ୍ତି ସାକା ସୁଜିତ ଟିକେଟ ପାଇବା ସମ୍ପର୍କରେ ସେ କିଛି ଜାଣି ନାହାନ୍ତି। ତେବେ ଟିକେଟ ନାଟକ ରହସ୍ୟ ଘେରକୁ ଆସିଛି।

